**କାଳବୈଶାଖୀ ଦେଲା ତାତିରୁ ତ୍ରାହି**

**ଅନୁଗୋଳ ଅଫିସ:** ଅନୁଗୋଳବାସୀଙ୍କୁ ମଙ୍ଗଳବାର ତାତିରୁ ତ୍ରାହି ଦେଇଛି କାଳବୈଶାଖୀ। ଦିନତମାମ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ଅନୁଗୋଳ ଜିଲା ତତଲା କଡେଇରେ ପରିଣତ ହୋଇଥିଲା। ଜିଲାରେ ପାରଦ ୪୩.୫ ଡିଗ୍ରୀ ରହିଥିଲା। ଫଳରେ ଲୋକେ ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ହେଲେ ଅପରାହ୍ନରେ କାଳବୈଶାଖୀ ଲୋକଙ୍କୁ ଟିକେ ଆଶ୍ୱସ୍ତି ଦେଇଥିଲା। ବର୍ଷା ଯୋଗୁ ପାଗ ଥଣ୍ଡା ପଡିଯାଇଥିଲା।

## ସଂକ୍ଷେପରେ

### ଚୋରା କେନ୍ଦୁପତ୍ର ଜବତ

**ଛେଣ୍ଡିପଦା,୩।୫(ସ୍ୱ.ପ୍ର):** ଏକ ପିକଅପ୍ ଭ୍ୟାନରେ କେନ୍ଦୁପତ୍ର ଚୋରା ଚାଲାଣ ବେଳେ ଛେଣ୍ଡିପଦା ବ୍ଲକ ଜରପଡା ବନ ବିଭାଗ ତାହାକୁ ଜବତ କରିଛି। ଉକ୍ତ ଭ୍ୟାନ ଅନ୍ତୁଲିଆ ଟାପଢ଼ୋଲ ଅଞ୍ଚଳରୁ ଅନୁଗୋଳ ଆଡକୁ ଯାଉଥିବାନେଇ ସୂଚନା ମିଳିବା ପରେ ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜରପଡା ବନାଞ୍ଚଳ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଜରପଡା ସେକ୍ସନ ଫରେଷ୍ଟର ଶ୍ରୀନିବାସ ସାହୁ, ଅନ୍ତୁଲିଆ ସେକ୍ସନ ଫରେଷ୍ଟର ସରୋଜ କୁମାର ସିଂହଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଅନ୍ତୁଲିଆ-କରା ମୁଣ୍ଡାସାହି ଛକ ନିକଟରେ ସୋମବାର ଭୋର ପ୍ରାୟ ୫ଟାବେଳେ ଗାଡିକୁ ପିଛା କରି ଅଟକାଇଥିଲେ। ଯାଞ୍ଚ କରିବାରୁ ସେଥିରେ ୧୪୦ ବଣ୍ଡଲ କେନ୍ଦୁପତ୍ର ଚୋରା ଚାଲାଣ ହେଉଥିବା ଜଣାପଡିଥିଲା। ଜବତ କେନ୍ଦୁପତ୍ର ୭ କୁଇଣ୍ଟାଲ ହେବ ବୋଲି ଜଣାପଡିଛି। ଚୋରା ଚାଲାଣକାରୀ ଗାଡି ଚାଳକ ଫେରାର ଥିବାବେଳେ ଏଥିରେ ସମ୍ପୃକ୍ତି ଅଭିଯୋଗରେ କାହାରିକୁ ଗିରଫ କରାଯାଇନାହିଁ। ଏ ନେଇ ଜରପଡା ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

### ଆକ୍ରମଣ କରି ଟଙ୍କା ଲୁଟ୍

**ଅନୁଗୋଳ ଅଫିସ,୩।୫:** ଅନୁଗୋଳ ଜିଲା ନିଶା ଥାନା ପରଙ୍ଗ ହାଇସ୍କୁଲ ନିକଟରେ ସୋମବାର ସକାଳ ପ୍ରାୟ ୭ଟା ବେଳେ କମ୍ପାନୀ କର୍ମଚାରୀ ରାକେଶ କୁମାର ଜେନାଙ୍କୁ ଆକ୍ରମଣ ପରେ ଟଙ୍କା ଲୁଟି ନିଆଯାଇଛି। ରାତି ଡ୍ୟୁଟି ସାରି ରାକେଶ ହେମସୁରାପଡା ଫେରୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଲୁହା ଛଡ଼ରେ ଆକ୍ରମଣ କରି ୮ ହଜାର ଟଙ୍କା ଓ ସୁନା ଚେନ ନେଇ ପଳାଇଥିଲେ। ଗୁରୁତର ରାକେଶଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ନେଇ ନିଶା ଥାନାରେ ଅଭିଯୋଗ ହେବାପରେ ତଦନ୍ତ ଚାଲୁ ରହିଛି।

### ଠକେଇ, ମାର୍‌ପିଟ: ୩ କୋର୍ଟଚାଲାଣ

**ଅନୁଗୋଳ ଅଫିସ,୩।୫:** ଅନୁଗୋଳ ସହରର କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଥିବା ଏକ ଫ୍ଲେକ୍ସ ଦୋକାନୀଙ୍କୁ ଠକେଇ ଅଭିଯୋଗରେ ପୋଲିସ ଅଭିଯୁକ୍ତ କଟକ ଜିଲା ବାଣପୁର ଅଞ୍ଚଳର ଅମରେଶ ଚନ୍ଦ୍ର ଖଟୁଆ(୪୦)ଙ୍କୁ ଗିରଫ କରିଛି। ସେହିପରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମାଡ଼ ମାରିବା ଅଭିଯୋଗରେ ଦୋକାନୀ ହରସଲ ଟଙ୍କ(୩୯) ଓ ସହଯୋଗୀ ଗୀତାଗ୍ରାମର ଆଶୁତୋଷ ଆଚାର୍ଯ୍ୟ(୨୨)ଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ଅମରେଶ ସରକାରୀ ବିଜ୍ଞାପନ ପାଇଥିବା ଫ୍ଲେକ୍ସ ଦୋକାନୀ ହରସଲଙ୍କୁ କହିଥିଲେ। ଏ ନେଇ ନୂଆ ଛାପା ମେଶିନ୍ ଆଣିବାକୁ ହରସଲ ୪ଲକ୍ଷ ୧୦ ହଜାର ଟଙ୍କା ଅମରେଶଙ୍କୁ ଦେଇଥିଲେ। ତେବେ ଅମରେଶ ମିଛ କହୁଥିବା ଜାଣି ହରସଲ ଟଙ୍କା ମାଗିବାରୁ ଅମରେଶ ଫେରସ୍ତ କରି ନ ଥିଲେ। ପରେ ହରସଲ ଓ ଆଶୁତୋଷ ହରସଲଙ୍କୁ ମାଡ଼ ମରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରି ୩ ଜଣଙ୍କୁ ଗିରଫ କରାଯାଇଛି।

### ଶିଶୁମନ୍ଦିର ଛାତ୍ରଙ୍କ ସଫଳତା

**ବଇଣ୍ଡା,୩।୫(ଡି.ଏନ.ଏ):** ଓଡ଼ିଶା ଶିକ୍ଷାବିକାଶ ସମିତି ଦ୍ୱାରା ହୋଇଥିବା



ପ୍ରାଦେଶିକ ମେଧା ପରୀକ୍ଷା ପଞ୍ଚମ ଶ୍ରେଣୀ ୨୦୨୧-୨୦୨୨ରେ ଅନୁଗୋଳ ଜିଲା ଆଠମଲ୍ଲିକ ଶିଶୁମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ର ଦୀପ୍ତିକୃଷ୍ଣ ସାହୁ ସଫଳତା ହାସଲ କରିଛନ୍ତି। ସେ ଶତକଡା ୮୪ ପ୍ରତିଶତ ମାର୍କ ରଖି ଓଡିଶାରେ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ସଫଳତା ପାଇଁ ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା, ଆଚାର୍ଯ୍ୟ ତରୁଣ କୁମାର ଦାସ, ଉମାପ୍ରସାଦ ନନ୍ଦ, ରବୀନ୍ଦ୍ର କୁମାର ଆଦି ପ୍ରମୁଖ ଦୀପ୍ତିକୃଷ୍ଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ୟବସାୟୀଙ୍କ ଅକାଳ ବିୟୋଗ

**ବଇଣ୍ଡା,୩।୫(ଡି.ଏନ.ଏ):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଶିକ୍ଷକପଡା ଅଞ୍ଚଳର



ଯୁବ ବ୍ୟବସାୟୀ ସୁଶାନ୍ତ କୁମାର ବେହେରା(୩୧)ଙ୍କ ରବିବାର ଅକାଳ ବିୟୋଗ ଘଟିଛି। ସେ ବଇଣ୍ଡା ସାପ୍ତାହିକ ହାଟରେ ବ୍ୟବସାୟ କରୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଅନୁଗୋଳ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ ବଇଣ୍ଡା ବ୍ୟବସାୟ ସଂଘ, ବଇଣ୍ଡା ଛକ ବିକାଶ ପରିଷଦ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

# ରହଣି କରୁନି ୧୪ ଏକ୍ସପ୍ରେସ୍ ଟ୍ରେନ୍

ପରୀକ୍ଷିତ ସାହୁ
ବଇଣ୍ଡା,୩।୫

- ୫୦ ପଞ୍ଚାୟତର ଯାତ୍ରୀ ଅସୁବିଧାରେ
- କେନ୍ଦ୍ରମନ୍ତ୍ରୀଙ୍କ ନିକଟକୁ ପଠାଗଲା ଦାବିପତ୍ର
- ଆନ୍ଦୋଳନ ଚେତାବନୀ ଦେଲେ ବଇଣ୍ଡାବାସୀ




ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେଶନରେ ଏବେ ୧୪ଟି ଏକ୍ସପ୍ରେସ୍ ଟ୍ରେନ୍ ରହଣି କରୁନାହିଁ। ଜିଲାର ଏକ ପ୍ରମୁଖ ଷ୍ଟେଶନ ହୋଇଥିବାବେଳେ ଏହି ଷ୍ଟେଶନ ଦେଇ ଯାଉଥିବା ୧୪ ଏକ୍ସପ୍ରେସ୍ ଟ୍ରେନ୍ ରହୁ ନ ଥିବା ଯୋଗୁ ଏହା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟେଶନ ଉପରେ ଆଠମଲ୍ଲିକ, କିଶୋରନଗର, ଛେଣ୍ଡିପଦା ବ୍ଲକର ୫୦ଟି ପଞ୍ଚାୟତର ଯାତ୍ରୀ ନିର୍ଭର କରୁଛନ୍ତି। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ସୋମବାର ଭାଜପା ଓ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରାଯାଇଛି।

ଅଞ୍ଚଳବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୯୯ ମସିହାରେ ସ୍ଥାପିତ ବଇଣ୍ଡା ଷ୍ଟେଶନ ବହୁ ସମସ୍ୟା ଦେଇ ଗତି କରୁଛି। ଜିଲାର ଏହି ପ୍ରମୁଖ ଷ୍ଟେଶନରୁ ମାସିକ ୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ହେଁ ଉନ୍ନତୀକରଣ ଉପରେ ରେଲୱେ କିମ୍ବା କେନ୍ଦ୍ର ସରକାର ଦୃଷ୍ଟି ଦେଉନାହାନ୍ତି। ବଇଣ୍ଡା ତଥା ଆଖପାଖ ଅଞ୍ଚଳରୁ ବହୁ ଶ୍ରମିକ ରାଜ୍ୟ ବାହାରେ କାମ କରୁଛନ୍ତି। ସେମାନେ ଯାତାୟାତ ପାଇଁ ଏହି ଷ୍ଟେଶନ ଉପରେ ନିର୍ଭରଶୀଳ। ହେଲେ ଏହି ଷ୍ଟେଶନ ଦେଇ ଯାଉଥିବା ୨୨ଟି ଏକ୍ସପ୍ରେସ୍ ଟ୍ରେନ୍ ମଧ୍ୟରୁ ୧୪ଟି ଏକ୍ସପ୍ରେସ୍ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ୍, ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍, ହୀରାକୁଦ ଏକ୍ସପ୍ରେସ୍, ଆନନ୍ଦବିହାର ସ୍ୱତନ୍ତ୍ର ଏକ୍ସପ୍ରେସ୍, ପୁରୀ-ବିକାନିର ଏକ୍ସପ୍ରେସ୍, ପୁରୀ-ଆଜମେର ଏକ୍ସପ୍ରେସ୍, ପୁରୀ-ଯୋଧପୁର ଏକ୍ସପ୍ରେସ୍, ମୁମ୍ବାଇ ଏଲ୍‌ଟିଟି ସୁପରଫାଷ୍ଟ ଏକ୍ସପ୍ରେସ୍, ମୁମ୍ବାଇ ଏଲ୍‌ଟିଟି ଏକ୍ସପ୍ରେସ୍, ପୁରୀ-ଅହମଦାବାଦ ଏକ୍ସପ୍ରେସ୍, ସୁରଟ ସାପ୍ତାହିକ ଏକ୍ସପ୍ରେସ୍, ଗାନ୍ଧୀଧାମ ସାପ୍ତାହିକ ଏକ୍ସପ୍ରେସ୍, ପୁରୀ-ବଲସାଡ ଏକ୍ସପ୍ରେସ, ସମ୍ବଲପୁର-ହାଓଡା ସାପ୍ତାହିକ ଏକ୍ସପ୍ରେସ ଟ୍ରେନ୍ ଏଠାରେ ରହୁନାହିଁ। କରୋନା ପୂର୍ବରୁ ଏଠାରେ ଦୁର୍ଗ ଇଣ୍ଟରସିଟି ଏକ୍ସପ୍ରେସ୍, ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍, ହୀରାକୁଦ ଏକ୍ସପ୍ରେସ୍, ପୁରୀ-ଅହମଦାବାଦ ଏକ୍ସପ୍ରେସ୍, ସମ୍ବଲପୁର-ହାଓଡା ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ରହୁଥିଲା। ଏ ନେଇ ୨୦୨୧ ଜୁନ ୨୩, ୨୦୨୧ ଡିସେମ୍ବର ୧୨ ଓ ୨୦୨୨ ମାର୍ଚ୍ଚ ୨ରେ ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଇଣ୍ଡା ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବଇଣ୍ଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**ରାଜସ୍ୱ ତୁଳନାରେ ବିକାଶ ନାହିଁ**



"ବଇଣ୍ଡା ଷ୍ଟେଶନରୁ ଯେତିକି ରାଜସ୍ୱ ମିଳୁଛି, ସେହି ତୁଳନାରେ ବିକାଶ କରାଯାଉ ନାହିଁ। ଯାତ୍ରୀଙ୍କୁ ସମସ୍ତ ସୁବିଧା ମିଳୁ ନ ଥିବାବେଳେ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ୫୦ ପଞ୍ଚାୟତର ଯାତ୍ରୀ ହଇରାଣ ହେଉଛନ୍ତି।

-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ

**୧୪ ଏକ୍ସପ୍ରେସ୍ ରହଣି କରାଯାଉ**



"ପୂର୍ବରୁ ରହୁଥିବା ୫ଟି ଟ୍ରେନ୍ କରୋନା ପାଇଁ ଏଠାରେ ରହୁନାହିଁ। ଏଥିସହିତ ୯ଟି ବାହାର ରାଜ୍ୟ ଟ୍ରେନ୍ ରହଣି କରୁନାହିଁ। କିଭଳି ୧୪ଟି ଟ୍ରେନ୍ ବଇଣ୍ଡାଠାରେ ରହିବ ସେ ନେଇ ଦାବିପତ୍ର ମାଧ୍ୟମରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଯାଇଛି।

-ଭାଗୀରଥି ପ୍ରଧାନ, ଭାଜପା ନେତା

**ହଇରାଣ ହେଉଛନ୍ତି ଯାତ୍ରୀ**



"ଷ୍ଟେଶନର ଉନ୍ନତୀକରଣ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ବାହାରକୁ ଯାତାୟାତ ପାଇଁ ବହୁ ସଂଖ୍ୟାରେ ଯାତ୍ରୀ ଏହି ଷ୍ଟେଶନ ଉପରେ ନିର୍ଭର କରୁଥିଲେ ମଧ ଟ୍ରେନ୍ ରହୁ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

-ବିନୀତ କୁମାର ସାହା,ବଇଣ୍ଡା

**ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି**



"୩ ବ୍ଲକର ଯାତ୍ରୀ ବଇଣ୍ଡା ଷ୍ଟେଶନ ଉପରେ ନିର୍ଭର କରନ୍ତି। କିନ୍ତୁ ଏଠାରେ ୧୪ଟି ଟ୍ରେନ୍ ରହଣି କରୁ ନ ଥିବାରୁ ଯାତାୟାତ ପାଇଁ ଯାତ୍ରୀମାନେ ଅନୁଗୋଳ ଓ ସମ୍ବଲପୁର ଷ୍ଟେଶନକୁ ଯାଉଛନ୍ତି। ଏଥିଯୋଗୁ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

-ଲମ୍ବୋଦର ସାହୁ, ନାକିଚି

# ଭଲ ଫସଲ ଉତ୍ପାଦନ ଆଶା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୩।୫**

ଅନୁଗୋଳ ବ୍ଲକ ବଳସିଂହା ବାଲିସାହି ଗ୍ରାମଠାରେ ଜିଲାସ୍ତରୀୟ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ବବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅକ୍ଷିମୁଠି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ଚାଷୀମାନେ ଭଲ ଫସଲ ଉତ୍ପାଦନ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନୁଗୋଳ ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ ଯୋଗଦେଇ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ଏହାର ରିହାତି ଓ ପ୍ରୋତ୍ସାହନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ବିଭାଗୀୟ ଅଧିକାରୀକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟା ଓ ଜିଲାସ୍ତରୀୟ କୃଷକ ଦିବସ ପାଳନର ଗୁରୁତ୍ୱ ବୁଝାଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଦେବରାଜ ମହାନ୍ତି ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ସାରଥୀ ପ୍ରଧାନ ଚାଷୀ ଓ ଚାଷର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜଶ୍ରୀ ସାହୁଙ୍କ ସମେତ କୃଷି ଓ ଆନୁସଙ୍ଗିକ ବିଭାଗର ପଦାଧିକାରୀ ଏବଂ ଚାଷୀମାନେ ଯୋଗ ଦେଇଥିଲେ।



ଇଦ୍ ଅବସରରେ ଅନୁଗୋଳର ଏକ ମସ୍‌ଜିଦରେ ସମୂହ ନମାଜ ପାଠ।

## ବନ୍ଦ ପଡ଼ିଥିବା ପ୍ଲାଣ୍ଟରେ ଅଗ୍ନିକାଣ୍ଡ

**କଣିହାଁ,୩।୫(ଡି.ଏନ.ଏ.)**



ଅନୁଗୋଳ ଜିଲା କଣିହାଁ ବ୍ଲକ ଏକଘରିଆଠାରେ ବନ୍ଦ ଥିବା ବିନ୍ଦଲ ସ୍ପଞ୍ଜ ଆଇରନ ପ୍ଲାଣ୍ଟରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁଯାୟୀ ବିଭିନ୍ନ କାରଣରୁ ଦୀର୍ଘ ୬ ବର୍ଷ ହେବ ବିନ୍ଦଲ ପ୍ଲାଣ୍ଟ ବନ୍ଦ ଥିବାବେଳେ ହଠାତ ପ୍ଲାଣ୍ଟରେ ନିଆଁ ଲାଗିଯାଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଘଟଣାସ୍ଥଳରେ କଣିହାଁ, ତାଳଚେର, ଏନ୍‌ଟିପିସି, ନାଲ୍‌କୋ ଓ ଅନୁଗୋଳ ଅଗ୍ନିଶମ ବିଭାଗର ଗୋଟିଏ ଲେଖାଏ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ଜଣାପଡିଛି। ଅଗ୍ନିଶମ କର୍ମଚାରୀମାନେ ଦୀର୍ଘ ସମୟ ପରିଶ୍ରମ କରି ନିଆଁ ଲିଭାଇଥିଲେ।

## ଟ୍ରକ୍ ପଛରେ ପିଟିଲା ଟ୍ରକ୍

**ଛେଣ୍ଡିପଦା,୩।୫(ସ୍ୱ.ପ୍ର.)**

ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ଛେଣ୍ଡିପଦା ଗୁଡିମଡା ଜଙ୍ଗଲ ହମ୍ପସ ନିକଟରେ ଏକ ଟ୍ରକ୍‌କୁ ପଛରୁ ଆଉ ଏକ ଟ୍ରକ୍ ଧକ୍କା ଦେଇଛି। ଫଳରେ ଗୋଟିଏ ଟ୍ରକ୍‌ର ଖଲାସୀ ଖିଲେଇ ଅଞ୍ଚଳର ବାବର ନାଏକ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ବାଲିପଟା ଗ୍ରାମର ଟ୍ରକ୍ ଚାଳକ ରବି ଗଡନାୟକ ଓ ଖିଲେଇ ଅଞ୍ଚଳର ଖଲାସୀ ବାବର ନାଏକ ଝାରସୁଗୁଡାରୁ ତାଳଚେର ହିଙ୍ଗୁଳା କୋଇଲା ଖଣିକୁ ଟ୍ରକ୍ ନେଇ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଛେଣ୍ଡିପଦା ପୋଲିସ ଗୁରୁତର ବାବରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

## ଅନୁକୂଳ ହେଲା ରଥ କାଠ



ରଥକାଠ ଅନୁକୂଳ କରାଯାଉଛି।

**ଅନୁଗୋଳ ଅଫିସ,୩।୫**

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରଠାରେ ମଙ୍ଗଳବାର ଅକ୍ଷୟ ତୃତୀୟାରେ ରଥ କାଠ ଅନୁକୂଳ କରାଯାଇଛି। ପୂର୍ବାହ୍ନ ୯ଟାରେ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଏହି ହୋମଯଜ୍ଞରେ ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ ଦାସ, ଉପସଭାପତି ଗଗନ ବିହାରୀ ନନ୍ଦ ଓ ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାପାତ୍ର ଭାଗ ନେଇଥିଲେ। ପରେ ପୂର୍ବାହ୍ନ ୧୧ଟା ୧୫ରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ପହଞ୍ଚି ଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ। ପରେ ୩ ଜଣ ବିଶ୍ୱକର୍ମାଙ୍କୁ ରଥ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର

**ବଇଣ୍ଡା,୩।୫(ଡି.ଏନ.ଏ.)**

**ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା ଘଟଣା**

ଆଠମଲ୍ଲିକ ବ୍ଲକ କିଆକଟା ଥାନା କନ୍ଧପଡା ପଞ୍ଚାୟତ ବରଡ଼ାକଟା ଗ୍ରାମର ଏକ ମହୁଲ ଗଛରେ ରବିବାର ରାତିରେ ରଶି ଲଗାଇଦେଇଥିବା ପ୍ରେମୀ ଯୁଗଳଙ୍କ ମୃତଦେହ ପୋଲିସ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଗାଁ ଲୋକେ ଏହା ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ପରେ ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ଓ ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ଘଟଣା ସ୍ଥଳରେ ରହି ତଦନ୍ତ କରିଥିଲେ।

# 'କୃଷକ ଦେଶର ମେରୁଦଣ୍ଡ'

**ବଇଣ୍ଡା,୩।୫(ଡି.ଏନ.ଏ.)**



ବିଧାୟକ ଅକ୍ଷିମୁଠି ଅନୁକୂଳ କରୁଛନ୍ତି।

ଚାଷୀ ହସିଲେ ଦେଶ ହସିବ। ସେଥିପାଇଁ ରାଜ୍ୟ ସରକାର ଚାଷୀଙ୍କ ପାଇଁ ବହୁ ଯୋଜନା ପ୍ରଚଳନ କରିଛନ୍ତି। ସେଗୁଡିକ କିଭଳି ଚାଷୀଙ୍କ ନିକଟରେ ପହଞ୍ଚିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। କୃଷକ ହେଉଛନ୍ତି ଦେଶର ମେରୁଦଣ୍ଡ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କୁସୁଣୀ ଗ୍ରାମରେ ଅନୁଷ୍ଠିତ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଏହା କହିଛନ୍ତି। କଦଳୀମୁଣ୍ଡା ପଞ୍ଚାୟତର ବିଜେଡି ସଭାପତି ଭାଗୀରଥି ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ରଶ୍ମିରେଖା ମାହାର, ସରପଞ୍ଚ ପ୍ରଶାନ୍ତ ସେଠୀ, ଆଠମଲ୍ଲିକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସୁଶୀଳ ମେଣ୍ଡୁଲି, ସମୀର ପଣ୍ଡା, କାଳନ୍ଦୀ ଚରଣ ପ୍ରଧାନ, ତିମିର ନାୟକ ପ୍ରମୁଖ ଯୋଗଦେଇଥିଲେ। ପରେ ବିଧାୟକ ଉକ୍ତ ଗ୍ରାମର ସୁଶୀଳ ମେଣ୍ଡୁଲିଙ୍କ ଜମିରେ ଧାନ ବୁଣିଥିଲେ। ସେହିପରି ବାମୁର ଠାରେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଂଜୀବ କୁମାର ପ୍ରଧାନ ଧାନ ବୁଣିଥିଲେ।

## ଅକ୍ଷିମୁଠି ଅନୁକୂଳ କଲେ ବିଧାୟକ

**ପବିତ୍ରନଗର,୩।୫(ଡି.ଏନ.ଏ.)**

କଣିହାଁ ବ୍ଲକ ପରାବିଲ ଠାରେ ମଙ୍ଗଳବାର ଚଷା ସମାଜ ତରଫରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଚଷାସମାଜ ଆଞ୍ଚଳିକ ସଭାପତି ତଥା ବିଜେଡି ବ୍ଲକ ସଭାପତି କୈଳାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ଗ୍ରାମ କମିଟି ସଭାପତି ପଦ୍ମଚରଣ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଶ୍ନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ଅଚଳ ଜଳସେଚନ ପ୍ରକଳ୍ପ ଓ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି କରାଯାଇଥିଲା। ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

## ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କଣିହାଁ,୩।୫(ଡି.ଏନ.ଏ)**



ସଂଘ ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରାଯାଉଛି।

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଓଏଚ୍‌ପିସିର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ରେଙ୍ଗାଳି ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନ(୧୦୮୩) ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଥିଲା। ସଂଘ ସଭାପତି ବସନ୍ତ ଗଡ଼ନାୟକ ସଂଘ କାର୍ଯ୍ୟାଳୟଠାରେ ଶ୍ରମିକ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଓଏଚପିସିର ବରିଷ୍ଠ ସାଧାରଣ ପରିଚାଳକ ରୁଦ୍ରମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଘର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରିଥିଲେ। ଧ୍ରୁବଚରଣ ମହାଳିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଏଚପିସିର ଅବସରପ୍ରାପ୍ତ ବରିଷ୍ଠ ସାଧାରଣ ପରିଚାଳକ ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ବୀରେଶ ଚନ୍ଦ୍ର ପତି, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ସୁଧାକର ସାମଲ, ତରୁଣ ସାହୁ ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ ଓ ଏହାର ଆବଶ୍ୟକତା ବିଷୟରେ ମତପ୍ରକାଶ କରିଥିଲେ।

## ୮ ବଖରା ଜଳିଗଲା

**ବଇଣ୍ଡା/ ଛେଣ୍ଡିପଦା/ କଣିହାଁ,୩।୫(ଡି.ଏନ.ଏ.)**



ସଞ୍ଜାମୁରା ଗ୍ରାମରେ ଅଗ୍ନିକାଣ୍ଡ।

କିଶୋରନଗର ବ୍ଲକ ସଞ୍ଜାମୁରା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ମୁନା ନାୟକ, ମକରଧ୍ୱଜ ନାୟକ, କୈଳାସ ନାୟକଙ୍କ ୪ ବଖରା ଚାଳ ଘର ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଖବରପାଇ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନଙ୍କୁ ସହାୟତା ପ୍ରଦାନ କରିଥିଲେ। ତୁରନ୍ତ ବିପନ୍ନଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଛେଣ୍ଡିପଦା ଥାନା ବାଗଡିଆ ପଞ୍ଚାୟତ ବାମନାଳି ଗ୍ରାମର ଲମ୍ବୋଦର ସାହୁ ଓ କିଶୋରୀ ସାହୁଙ୍କ ୨ଟି ପାଳଭାଡି ଓ ଏକ ଗୁହାଳ ଘର ପୋଡି ଯାଇଛି। କଣିହାଁ ବ୍ଲକ କମରେଇ ପଞ୍ଚାୟତ ଜୁଲିବନ୍ଧ ଗ୍ରମରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ଅଧିକାରୀ ରୋହିତ ବେହେରା କହିଛନ୍ତି, ଗ୍ରାମର କୁବେର ବେହେରା, ପ୍ରତାବ ବେହେରା, ସୁବର୍ଣ୍ଣ ବେହେରା ଓ ଅକ୍ଷୟ ବେହେରାଙ୍କ ଘର ଶର୍ଟସର୍କିଟରୁ ନିଆଁ ଲାଗି ଜଳିଯାଇଛି। ଖବର ପାଇ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ ପ୍ରମୁଖ ପହଞ୍ଚି ବିପନ୍ନ ପରିବାରକୁ ରିଲିଫ ସାମଗ୍ରୀ ପ୍ରଦାନ କରିଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ମାଧପୁର,୩।୫**

ବଇଣ୍ଡା-କିଆକଟା ରାଜ୍ୟ ରାଜପଥର ଆଠମଲ୍ଲିକ ଏନ୍‌ଏସି ମାଣିକପଥର ଗ୍ରାମ ନିକଟରେ ସୋମବାର ରାତିରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଓଡ଼ସିଙ୍ଗ ଗ୍ରାମର କୁନା ଦେହୁରୀ(୩୨)। କୁନା ଓ ସହଯୋଗୀ ବିବାହ ଭୋଜି ଖାଇ ବାଇକ୍‌ରେ ଫେରୁଥିବା ବେଳେ ମାଣିକପଥର ଠାରେ ରାସ୍ତା ଉପରେ ପଡିଥିବା ଏକ ପଥରରେ ବାଡେଇ ହୋଇଯାଇଥିଲେ। କୁନାଙ୍କୁ ଗୁରୁତର ଅବସ୍ଥାରେ ଆଠମଲ୍ଲିକ ପୋଲିସ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ହେଲେ ଅନୁଗୋଳରେ କୁନାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ରେଳମନ୍ତ୍ରୀଙ୍କୁ ଦାବି ଜଣାଇଲେ ଭାଜପା ନେତା

**ଅନୁଗୋଳ ଅଫିସ,୩।୫**

ଅନୁଗୋଳ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତ କରି ଅନୁଗୋଳ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀ ରେଳ ଭବନଠାରେ ରେଳମନ୍ତ୍ରୀଙ୍କୁ ଭେଟି ଅନୁଗୋଳ ରେଳ ଷ୍ଟେଶନକୁ ଅତ୍ୟାଧୁନିକ ରେଳ ଷ୍ଟେଶନ କରିବା, ତାଳଚେର-ଅନୁଗୋଳ ଲୁପ୍ ଲାଇନ କାର୍ଯ୍ୟ ତୁରନ୍ତ କରାଇବା, ମୋବାଇଲ ଟାୱାର ନ ଥିବା ପଞ୍ଚାୟତରେ ଟାୱାର ବସାଇବା, ବିଶେଷକରି ଜାମୁନାଳୀ, କଣ୍ଟେଇକୋଳିଆ, ପୁରୁଣାକୋଟ, କୋଡାଭୂଇଁ, ବଳଙ୍ଗ, ଜଗନ୍ନାଥପୁର, ଟିକରପଡା ଆଦି ଅଞ୍ଚଳରେ ତୁରନ୍ତ ମୋବାଇଲ ଟାୱାର ବସାଇବା, ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ଶୀଘ୍ର ସମ୍ପାଦନ କରିବା, ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବାମୁରଠାରେ ରହଣି କରାଇବା, ଅନୁଗୋଳ-ପୁରୀ ପାସେଞ୍ଜରକୁ ବାମୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଇବା ଆଦି ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ଏଥିପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ ବୋଲି ରେଳମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଅନୁଗୋଳ ରେଳ ଷ୍ଟେଶନକୁ ଅତ୍ୟାଧୁନିକ ଷ୍ଟେଶନ କରାଯିବା ସହ ତାଳଚେର-ଅନୁଗୋଳ ଲୁପ୍ ଲାଇନ ପାଇଁ ଅର୍ଥ ବ୍ୟବସ୍ଥା ଥିଲେ ମଧ୍ୟ ଜମି ଅଧିଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ସହ କଥା ହୋଇ ନିଷ୍ପତ୍ତି ନିଆଯିବ ବୋଲି ରେଳମନ୍ତ୍ରୀ ପ୍ରକାଶ କରିଥିଲେ। ଜିଲା ସଭାପତିଙ୍କ ସହ ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ସମ୍ପାଦକ ଚିତ୍ତରଞ୍ଜନ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ମୋନାଲିସାଙ୍କୁ ସ୍ୱର୍ଣ୍ଣ ପଦକ



ପରଜଙ୍ଗ, ୩ା୫(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟର ଓଡ଼ିଆ ବିଭାଗ (ସମ୍ମାନ) ଛାତ୍ରୀ ମୋନାଲିସା ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟସ୍ତରୀୟ ପରୀକ୍ଷାରେ ଶ୍ରେଷ୍ଠସ୍ଥାନ ହାସଲ କରିଛନ୍ତି। ୫୧ତମ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଭକ୍ତକବି ମଧୁସୂଦନ ରାଓ ସ୍ମାରକୀ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ମୋନାଲିସାଙ୍କ ଏହି କୃତିତ୍ୱ ପାଇଁ କଲେଜ ଅଧକ୍ଷ ଡ. ନିହାର ରଞ୍ଜନ ସାହୁ, ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ପ୍ରସନ୍ନ ସାହୁ, ଅଞ୍ଜନ ମହାରଣା, ଅଧାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳବେହେରା ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ମୋନାଲିସା ହେଉଛନ୍ତି ପରଜଙ୍ଗ ପଞ୍ଚାୟତ ଡିହଡୋଳ ଗ୍ରାମର ମଳୟ ସାହୁ ଏବଂ ରୀନା ସାହୁଙ୍କ ବଡ଼ ଝିଅ।

### ଶ୍ରମିକଙ୍କ ଭୂମିକା ଉପରେ ଆଲୋଚନା



ଢେଙ୍କାନାଳ ଅଫିସ, ୩ା୫: ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ରହଣିସ୍ଥିତ 'ସଂସ୍କାର ସୈନିକ ସ୍କୁଲ'ରେ ରବିବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧକ୍ଷ ମନୋଜ କୁମାର ଥମ୍ବ ଏଥିରେ ସଭାପତିତ୍ୱ କରି ରାଷ୍ଟ୍ରଗଠନରେ ଶ୍ରମିକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ




ଢେଙ୍କାନାଳ ଅଫିସ, ୩ା୫: ପର୍ଶୁରାମ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ବିପ୍ର ଫାଉଣ୍ଡେଶନ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ନଗରପାଳ ମୋନିକା ଶର୍ମାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ଶିଳ୍ପ ଓ ବାଣିଜ୍ୟ ସଂଘ ସଭାପତି ରାଜେନ୍ଦ୍ର ଦାସ, ସାମାଜିକ କର୍ମୀ ପ୍ରତିମା ସିହ୍ନା, ପୂର୍ବତନ ନଗରପାଳ ସୁନୀଲ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ରକ୍ତ ଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା ଶିବିର ପରିଚାଳନା କରିଥିଲେ।

### ପରଲୋକରେ ଶିକ୍ଷାବିତ୍ କୈଳାସ ମିଶ୍ର



ଢେଙ୍କାନାଳ ଅଫିସ, ୩ା୫: ଢେଙ୍କାନାଳ କଲେଜର ଅବସରପ୍ରାପ୍ତ ଅଧକ୍ଷ ତଥା ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମିଶ୍ରଙ୍କ ମଙ୍ଗଳବାର ମଧାହ୍ନରେ ତାଙ୍କ କୁଞ୍ଜକାନ୍ତସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ବର୍ଷ ହୋଇଥିଲା। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ୍ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। କୁଞ୍ଜକାନ୍ତ ପୋଖରୀସ୍ଥିତ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜଣେ ମେଳାପୀ, ପରୋପକାରୀ ଏବଂ ଧର୍ମପରାୟଣ ବ୍ୟକ୍ତି ଭାବେ ସୁନାମ ଅର୍ଜନ କରିଥିଲେ କୈଳାସ। ସେ ସମ୍ବଲପୁରଠାରେ ଶିକ୍ଷା ନିର୍ଦ୍ଦେଶକ ରହିବା ପରେ ଢେଙ୍କାନାଳ କଲେଜ ଅଧକ୍ଷ ଭାବେ ଯୋଗଦେଇ ଅବସର ଗ୍ରହଣ କରିବା ଯାଏ କାର୍ଯ୍ୟ କରିଥିଲେ। ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମାନ୍ୟତା ପାଇବା ପଛରେ ତାଙ୍କର ଯଥେଷ୍ଟ ଅବଦାନ ରହିଥିଲା। କୁଞ୍ଜକାନ୍ତ ଶିବମନ୍ଦିର ଉନ୍ନତୀକରଣରେ ମଧ ତାଙ୍କର ଯୋଗଦାନ ଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରଶାସନିକ ଅଧିକାରୀଙ୍କୁ ଗୋଡ଼ାଇ ପିଟିଲେ

- ପଥର ଖଣିରେ ଚଢ଼ାଉ ବେଳେ ମାଫିଆଙ୍କ ଆତଙ୍କରାଜ
- ଉପଜିଲାପାଳଙ୍କ ସମେତ ୪ ଗୁରୁତର, ୬ ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଅଫିସ, ୩ା୫

କିଛିଦିନର ବ୍ୟବଧାନ ପରେ ଢେଙ୍କାନାଳ ଜିଲାରେ ପୁଣି ଆରମ୍ଭ ହୋଇଛି ପଥର ମାଫିଆଙ୍କ ଦୌରାତ୍ମ୍ୟ। ଓଡ଼ାପଡ଼ା ତହସିଲ ଇନ୍ଦିପୁର-ଗୁଣ୍ଡୁରାପଶି ଖଣିରୁ ଚୋରା ଚାଲାଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇଥିବାବେଳେ ଅଭିଯୁକ୍ତଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି ଉପଜିଲାପାଳଙ୍କ ସମେତ ତହସିଲ କାର୍ଯ୍ୟାଳୟର ପଦସ୍ଥ ଅଧିକାରୀ। ଏ ନେଇ ଉପଜିଲାପାଳଙ୍କ ଏତଲା ଆଧାରରେ ସଦର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ଜଣଙ୍କୁ ଗିରଫ କରିଛି।

ଓଡ଼ାପଡ଼ା ତହସିଲ ଅନ୍ତର୍ଗତ ଇନ୍ଦିପୁର-ଗୁଣ୍ଡୁରାପଶି ପଥର ଖଣିରେ ସୋମବାର ବିଳମ୍ବିତ ରାତିରେ ବେଆଇନ ଭାବେ ପଥର ଖନନ କରି ରୋରାଚାଲାଣ କରାଯାଉଥିବା ସୂଚନା ପାଇ ପ୍ରଶାସନ ପକ୍ଷରୁ ଉପଜିଲାପାଳ ତଥା ଆଇଏଏସ୍ ପ୍ରୋବେଶନର ବିଭୂତି ଭୂଷଣ ନାୟକ, ଓଡ଼ାପଡ଼ା ତହସିଲଦାର ଏବଂ ତାଙ୍କ ଟିମ୍ ସମେତ ୧୦ ଜଣ କର୍ମଚାରୀ ଅତର୍କିତ ଚଢ଼ାଉ କରିଥିଲେ। ତେବେ ଧରାପଡ଼ିବା ଭୟରେ ୨ଜଣ ପଥର ମାଫିଆଙ୍କ ନେତୃତ୍ୱରେ ୧୨ରୁ ୧୪ଜଣ ଅସାମାଜିକ ବ୍ୟକ୍ତି ଠେଙ୍ଗାବାଡ଼ି, ବନ୍ଧୁକ ଓ ମାରଣାସ୍ତ୍ର ଧରି ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଉପଜିଲାପାଳଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଆତଙ୍କ ସୃଷ୍ଟି କରିବା ସହିତ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ୪ ଜଣ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ୩ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ତେବେ ଘଟଣା ସୋମବାର ବିଳମ୍ବିତ ରାତିରେ ଘଟିଥିଲେ ମଧ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଥାନାରେ ଏତଲା ଦିଆ ନ ଯିବା ଏବଂ ଚଢ଼ାଉ ପୂର୍ବରୁ ପୋଲିସ ପ୍ରଶାସନକୁ ଅବଗତ ନ କରିବା କିମ୍ବା ଆବଶ୍ୟକ ସହାୟତା ନ ଲୋଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ଉପଜିଲାପାଳଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୨୧୨/୨୨, ଦଫା ୩୪୧, ୩୨୩, ୩୫୭, ୩୦୭, ୨୫ ଏବଂ ୨୭ ଆର୍ମସ୍ ଆକ୍ଟରେ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଅତୀତରେ ଗଁଦିଆ ବ୍ଲକ ନିହଲପ୍ରସାଦ ଅଞ୍ଚଳରେ ଅନୁରୂପ ଘଟଣା ଘଟିଥିଲା। ପଥର ଖାଦାନରୁ ଗାଡ଼ି ଜବତ କରି ଆଣୁଥିବାବେଳେ ମାଫିଆଙ୍କ ରୋଷର ଶିକାର ହୋଇଥିଲେ ଜଣେ ଅତିରିକ୍ତ ଜିଲାପାଳ। ଅଭିଯୁକ୍ତମାନେ ତାଙ୍କଠାରୁ ଗାଡ଼ି ଛଡ଼ାଇ ନେଇଥିଲେ। କିଛିଦିନର ବ୍ୟବଧାନ ପରେ ଏଭଳି ଘଟଣାର ପୁନରାବୃତ୍ତି ଚର୍ଚ୍ଚାର ବିଷୟ ପାଲଟିଛି। ଲଘୁ ଖଣିଜ ଉତ୍ସରୁ ଚୋରା ଚାଲାଣ ରୋକିବା ଲାଗି ସରକାର ଗୁରୁତ୍ୱାରୋପ କରୁଥିବା ବେଳେ କାର୍ଯ୍ୟାନୁଷ୍ଠାନ ସମୟରେ ମାଫିଆଙ୍କ ଆକ୍ରମଣ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଏ ନେଇ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ବେଆଇନ ଖଣି ଖାଦାନରେ ଚଢ଼ାଉ ସମୟରେ ଅଧିକାରୀଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ୬ଜଣଙ୍କୁ ଧରିଛି। ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଆଗାମୀ ଦିନରେ ଚଢ଼ାଉ ଆହୁରି ଜୋର୍‌ଦାର କରାଯିବ। ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ତୃଷାର୍ତ୍ତ ପକ୍ଷୀଙ୍କ ସାଥୀ



ଜଙ୍ଗଲରେ ପାଣିପାତ୍ର ବ୍ୟବସ୍ଥା କରାଯାଉଛି।

ଢେଙ୍କାନାଳ ଅଫିସ, ୩ା୫

ସାରା ଓଡ଼ିଶାରେ ଜାରି ରହିଛି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ। ଆକାଶରୁ ଅଗ୍ନି ବର୍ଷୁଥିବାବେଳେ ମନୁଷ୍ୟଠାରୁ ପ୍ରାଣୀ ସମସ୍ତେ ପ୍ରଭାବିତ ହେଉଛନ୍ତି। ବିଶେଷ କରି ସଂରକ୍ଷିତ ଜଙ୍ଗଲରେ ଜଳାଶୟ ଶୁଖିଲା ପଡ଼ିଥିବାବେଳେ ପକ୍ଷୀମାନେ ଶୋଷରେ ଆଉଟୁପାଉଟୁ ହୋଇଛନ୍ତି। ଏଭଳି ସମୟରେ ପକ୍ଷୀଙ୍କ ଚଞ୍ଚୁରେ ପାଣି ଦେଇ ସେମାନଙ୍କ ଜୀବନ ବଞ୍ଚାଉଛନ୍ତି ଢେଙ୍କାନାଳର ଅନନ୍ୟା ଦାସ, ସୌମ୍ୟା ମିଶ୍ର ଏବଂ ସୁଶ୍ରୀ ନନ୍ଦ।

କରୋନା ମହାମାରୀ ସମୟରେ ଗରିବ ଲୋକଙ୍କୁ ସହାୟତା କରି ଚର୍ଚ୍ଚାକୁ ଆସିଥିଲେ ସମ୍ପୃକ୍ତ ୩ ଯୁବତୀ। ଏବେ ପ୍ରଚଣ୍ଡ ତାତିରେ ସେମାନେ ମେଘା, ଚାରଖୋଲା, ପାଣିଓହଳା, ବୋରାପଦା ଜଙ୍ଗଲରେ ପକ୍ଷୀଙ୍କ ପାଇଁ ପାଣି ରଖୁଛନ୍ତି। ଅଦ୍ୟାବଧି ସେମାନେ ୧୫୦ରୁ ଉର୍ଦ୍ଧ୍ୱ ପାଣିପାତ୍ର ବ୍ୟବସ୍ଥା କରିସାରିଲେଣି। ସେମାନଙ୍କ କହିବା କଥା, ଖରାଦିନେ ପଥଚାରୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଉଛି। ବୁଲା କୁକୁର, ଗୋରୁଙ୍କ ପାଇଁ ବ୍ୟବସ୍ଥା କରାଯାଉଛି। ଜଙ୍ଗଲରେ ରହୁଥିବା ପକ୍ଷୀଙ୍କ ମଧ ବଞ୍ଚିବାର ଅଧିକାର ଅଛି। ଏଭଳି ମହତ୍ ଉଦ୍ଦେଶ୍ୟ ରଖି ସେମାନେ ଅଭିଯାନ ଆରମ୍ଭ କରିଥିବା କହିଛନ୍ତି।

# ଆରମ୍ଭ ହେଲା ରଥ ନିର୍ମାଣ




ରଥକାଠ ଅନୁକୂଳ କରାଯାଉଛି।

ଢେଙ୍କାନାଳ ଅଫିସ, ୩ା୫

**ବନ ବିଭାଗ ଦେଲାନି, ସ' ମିଲ୍‌ରୁ ଆସିଲା କାଠ**

ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରାର ଆଦ୍ୟପର୍ବ। ତେବେ ଢେଙ୍କାନାଳରେ ରଥ ନିର୍ମାଣ ଆରମ୍ଭରୁ ସାମାନ୍ୟ ବ୍ୟତିକ୍ରମ ଘଟିଛି। ରଥ ଅନୁକୂଳ ପାଇଁ ଆବଶ୍ୟକ ଧଉରା କାଠ ବନ ବିଭାଗ ନ ଦେବାରୁ ସ' ମିଲ୍‌ରୁ ଅଣାଯାଇ ପରମ୍ପରା ରକ୍ଷା କରାଯାଇଛି।

ସୂଚନାଯୋଗ୍ୟ, ଧଉରା କାଠରେ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଥାଏ। ଏଥିଲାଗି ଧାର୍ଯ୍ୟ ଦିନର ଯଥେଷ୍ଟ ପୂର୍ବରୁ ଜିଲା ଦେବୋତ୍ତର ବିଭାଗ ପକ୍ଷରୁ ବନ ବିଭାଗକୁ ଅବଗତ କରାଯାଏ। କିଛିବର୍ଷ ହେଲା ବନ ବିଭାଗ କଙ୍କଡ଼ାହାଡ଼ ବ୍ଲକର ରଞ୍ଜାଗଡ଼ ସଂରକ୍ଷିତ ଜଙ୍ଗଲରୁ ଧଉରା କାଠ ଯୋଗାଇ ଦେଇ ଆସୁଥିଲା। ତେବେ ଚଳିତ ବର୍ଷ ବନ ବିଭାଗର ବିନା ଅନୁମତିରେ ଦେବୋତ୍ତର ବିଭାଗ ପକ୍ଷରୁ କପିଳାସ ଅଭୟାରଣ୍ୟରୁ ଧଉରା କାଠ କଟାଯାଇଥିଲା। ଏଭଳି ନିୟମ ବହିର୍ଭୂତ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବନ କର୍ମଚାରୀ କାଠ ଜବତ କରିଥିଲେ। ଜବତ କାଠ ସୋରିଷିଆପଦା ବିଟ୍ ହାଉସ୍‌ରେ ରଖାଯାଇଛି। ତେବେ ରଥ ଅନୁକୂଳ ପୂର୍ବରୁ ବନ ବିଭାଗ ଧଉରା କାଠ ବ୍ୟବସ୍ଥା କରିବ ବୋଲି ଆଶା ବାନ୍ଧି ବସିଥିଲା ଦେବୋତ୍ତର ବିଭାଗ। ତେବେ ମଙ୍ଗଳବାର ନିର୍ଦ୍ଧାରିତ ସମୟ ସୁଦ୍ଧା ବନ ବିଭାଗ କାଠ ନ ଦେବାରୁ ସହରର ଏକ ସ' ମିଲ୍‌ରୁ ୨ଟି କାଠ ଅଣାଯାଇଥିଲା। ଏହାପରେ ଆବଶ୍ୟକ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ କରାଯାଇଥିଲା। ଏଥିପୂର୍ବରୁ ପରମ୍ପରା ଅନୁଯାୟୀ ବଳରାମ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇଥିଲା। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗଛରେ ପିଟିହେଲା ବାଇକ୍, ଯୁବକ ଗୁରୁତର

କାମାକ୍ଷାନଗର, ୩ା୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବାଟଗାଁ ତାରିଣୀ ମନ୍ଦିର ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କାମାକ୍ଷାନଗର ଥାନା ମୋଟା ଗ୍ରାମର ବ୍ରହ୍ମାନନ୍ଦ ଜେନାଙ୍କ ପୁଅ ବିଶ୍ୱଜିତ୍ (୨୭)। ବାଟଗାଁରେ କାମ ସାରି ଘରକୁ ଫେରୁଥିବାବେ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବିଶ୍ୱଜିତ୍‌ଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଉଦ୍‌ବେଗଜନକ ଥିବାରୁ ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଛି।

# କଳାକୃତି ଗ୍ରାମରେ ଲାଗିଲା ଚାରା

ଢେଙ୍କାନାଳ ଅଫିସ, ୩ା୫

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର କଳାକୃତି ଗ୍ରାମ ପରିସରରେ ମଙ୍ଗଳବାର ଚାରା ରୋପଣ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ, ସରପଞ୍ଚ ଅଭିମନ୍ୟୁ ବେହେରା, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ, ଓରମାସ୍ ସିଇଓ ନିରୋଦ ଜେନା, ସପ୍ତଶଯ୍ୟା ଫାର୍ମ ପରିଚାଳକ ତ୍ରିଲୋଚନ ଗୋଛି ପ୍ରମୁଖ ଆମ୍ବ ଚାରା ରୋପଣ କରିଥିଲେ। କଳାକୃତି ଗ୍ରାମର ବିକାଶ ଏବଂ ପର୍ଯ୍ୟଟନ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ପ୍ରଶାସନ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଥିବା ଜିଲାପାଳ କହିଛନ୍ତି।

# ଭକ୍ତିମାର୍ଗକୁ ପ୍ରଶସ୍ତ କରିଛନ୍ତି ଜୟଦେବ

**ଜୟନ୍ତୀ ସମାରୋହରେ ମତ**

ଢେଙ୍କାନାଳ ଅଫିସ, ୩ା୫



ଗୁରୁ ପଦ୍ମଚରଣ ଦେହୁରୀଙ୍କୁ 'ଗୀତଗୋବିନ୍ଦ ସମ୍ମାନ'ରେ ସମ୍ମାନିତ କରାଯାଉଛି।

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ 'ଭାରତୀୟ ସଙ୍ଗୀତ ନିଳୟ' ପକ୍ଷରୁ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଗୀତଗୋବିନ୍ଦ ସ୍ରଷ୍ଟା କବି ଶ୍ରୀଜୟଦେବଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ପରିଷଦ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସମ୍ମାନିତ ଅତିଥି ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ ଯୋଗଦେଇ ଥିଲେ। ଜୟଦେବଙ୍କ ଜୀବନ ଜଗନ୍ନାଥଙ୍କ ପାଇଁ ସମର୍ପିତ ଥିଲା। ତାଙ୍କ କାବ୍ୟକବିତାରେ ଓଡ଼ିଆ ଜନଜୀବନର ନିଚ୍ଛକ କଥା ଖୁନ୍ଦି ହୋଇରହିଛି। ସେ ଭକ୍ତି ଓ ଜ୍ଞାନ ମାର୍ଗକୁ ପ୍ରଶସ୍ତ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁ ପଦ୍ମଚରଣ ଦେହୁରୀଙ୍କୁ 'ଗୀତଗୋବିନ୍ଦ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ଗବେଷକ ଆର୍ଯ୍ୟରତ୍ନ ଚକ୍ରଧରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଯାମିନୀ ରଞ୍ଜନ ଦାସଙ୍କ ପରିଚାଳନାରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଗୀତଗୋବିନ୍ଦ, ଓଡ଼ିଶୀ ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ବହୁ ସାହିତ୍ୟପ୍ରେମୀ ଯୋଗଦେଇଥିଲେ।

# ଇଦ୍‌ରେ ଉତ୍ସବମୁଖର ସହର

ଢେଙ୍କାନାଳ ଅଫିସ, ୩ା୫



ବିଧାୟକ ସୁଧୀର ସାମଲଙ୍କ ସମେତ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିବିଶେଷ।

ମୁସଲ୍‌ମାନ ସମ୍ପ୍ରଦାୟର ପ୍ରମୁଖ ପର୍ବ ଇଦ୍‌କୁ ନେଇ ମଙ୍ଗଳବାର ଉତ୍ସବମୁଖର ହୋଇଉଠିଥିଲା ଢେଙ୍କାନାଳ ସହର। ସକାଳେ ଗୁଡିଆନାଳୀ, ମିନାବଜାର ଏବଂ କାଞ୍ଚନବଜାରସ୍ଥିତ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରାଯାଇଥିଲା। ଏହାପରେ ସମ୍ପ୍ରଦାୟର ବ୍ୟକ୍ତିମାନେ ଇଦ୍ ଶୁଭେଚ୍ଛା ଜଣାଇବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ମସ୍‌ଜିଦ୍‌ରେ ପହଞ୍ଚି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ମହମ୍ମଦ ଅଫଜଲ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# 'ଚାଷୀଙ୍କୁ ସମ୍ମାନ ଦିଅ'

**ଅଖିମୁଠି ଅନୁକୂଳ କଲେ ବିଧାୟକ, ନଗରପାଳ**

ଭୁବନ/ପରଜଙ୍ଗ, ୩ା୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନରେ ଆନନ୍ଦ ଉଲ୍ଲାସର ସହ ଅକ୍ଷୟତୃତୀୟା ଉପଲକ୍ଷେ ଅଖିମୁଠି ଅନୁକୂଳ ହୋଇଛି। ଏନ୍‌ଏସି କୃଷକ ସମାଜ ପକ୍ଷରୁ ପାଲା ମଣ୍ଡପରେ ଆୟୋଜିତ ସାଧାରଣ ସଭାରେ ନଗରପାଳ ଶୁଭେନ୍ଦୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଚାଷୀ ସମାଜ ହେଉଛନ୍ତି ଅନ୍ନଦାତା। ତେଣୁ ଜନସାଧାରଣ କୃଷକଙ୍କୁ ସମ୍ମାନ ପ୍ରଦାନ କରିବା ଜରୁରୀ ବୋଲି ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷକ ସମାଜର ସଭାପତି ବାସୁଦେବ ଗୁରୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଉପସଭାପତି ଶ୍ରୀଧର ବେହେରା, ଉପଦେଷ୍ଟା ବ୍ରଜବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦ଟି ଟ୍ରାକ୍ଟର ସହର ପରିକ୍ରମା କରିଥିଲା। ହିଙ୍ଗୁଳା ମନ୍ଦିର ନିକଟରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରାଯାଇଥିଲା। ସତ୍ୟାନନ୍ଦ ପୃଷ୍ଟି, ଅଚ୍ୟୁତ ମଳିକ, ଶେଷଦେବ ସାହୁ, ଦିଲୀପ ଦାସ, ରାମଚନ୍ଦ୍ର ବିହାରୀ, ଅର୍ଜୁନ ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି କୃଷକ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ମା' ବଣିଜାରୀଙ୍କ ପୀଠରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅଖିମୁଠି ଅନୁକୂଳ କରାଯାଇଛି। ଶତାଧିକ ଚାଷୀଙ୍କ ଉପସ୍ଥିତିରେ ହଳ ଲଙ୍ଗଳ ସହାୟତାରେ ବୁଦ୍ଧେଶ୍ୱର ଶୈବପୀଠ ନିକଟରେ ଅଖିମୁଠି ଅନୁକୂଳ କରାଯାଇଥିଲା।



କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟମାନେ।

ବରିଷ୍ଠ ଚାଷୀ, ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ବିଦ୍ୟାଧର ବିହାରୀ, ସମ୍ପାଦକ ରଥ ସେଠୀ, ସହସମ୍ପାଦକ ବସନ୍ତ ରଣା, କୋଷାଧ୍ୟକ୍ଷ ପଣ୍ଡିତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

ଅନୁରୂପ ଭାବେ ପରଜଙ୍ଗ ବ୍ଲକ ଆମ୍ବପଳାସ ପଞ୍ଚାୟତରେ ବିଧାୟକ ଡା. ନୃସିଂହଚରଣ ସାହୁ ଅଖିମୁଠି ଅନୁକୂଳ କରିଛନ୍ତି। ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ସରପଞ୍ଚ କୁନାଲ ମହାପାତ୍ର, ସମିତିସଭ୍ୟା ସୌଭାଗିନୀ ଭୋଇ, ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ବିଜେଡି ନେତା ଭୂପେଶ ପ୍ରଧାନ, ବିଡିଓ ବିନୋଦ ବିହାରୀ ବେହେରାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।




ପରଜଙ୍ଗରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ପ୍ରତି ଛକରେ ଲେଖାଯାଉ 'ମୁଁ କୃଷକ'

କାମାକ୍ଷାନଗର, ୩ା୫(ଡି.ଏନ୍.ଏ.)

ଚାଷୀ ହେଉଛି ଅନ୍ନଦାତା। କୃଷକଙ୍କ ହାଡ଼ଭଙ୍ଗା ପରିଶ୍ରମରେ ସମସ୍ତଙ୍କ ପେଟ ପୂରୁଛି। ମାଟିର ମଣିଷମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ନିହାତି ଜରୁରୀ। ପ୍ରତି ଛକ ଏବଂ କାର୍ଯ୍ୟାଳୟରେ ଫଳକ ମାଧ୍ୟମରେ 'ମୁଁ କୃଷକ' ଲେଖିଲେ ଚାଷୀମାନେ ଉତ୍ସାହିତ ହେବେ ବୋଲି କହିଛନ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ରାହ୍ମଣୀ ନଦୀକୂଳରେ ମଙ୍ଗଳବାର ଆୟୋଜିତ ଜିଲାସ୍ତରୀୟ ଅକ୍ଷୟତୃତୀୟା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଅକ୍ଷୟତୃତୀୟା ଏବଂ ଅଖିମୁଠି ଅନୁକୂଳ ବିଷୟରେ କହିଥିଲେ। ଏଥିସହ 'କାଳିଆ' ଯୋଜନା ଟଙ୍କାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ବିକାଶ ମହାନ୍ତି, ସରପଞ୍ଚ ଶିଶିରକାନ୍ତ ବେହେରା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କିଶୋର ଭୂୟାଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପାରମ୍ପରିକ ପୂଜାର୍ଚ୍ଚନା ପରେ ମନ୍ତ୍ରୀ ବିହନ ଅନୁକୂଳ କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

